# NATIONAL NEWS BULLETIN (ODIA)

## 5 May - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ୫ ହଜାର ୬୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କପା ଉତ୍ପାଦ ମିଶନ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ।
- ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ଦଳଗୁଡ଼ିକ ପକ୍ଷରୁ ୪ଟି ରାଜ୍ୟର ନେତା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ।
- ମଦ ନୀତି ଦୁର୍ନୀତି ମାମଲାରେ ସି.ବି.ଆଇ. ଦାଖଲ କରିଥିବା ଆବେଦନ ଉପରେ ପ୍ରତିପକ୍ଷଙ୍କ ପାଇଁ ଆମିକସ୍ କ୍ୟୁରି ନିଯୁକ୍ତ ନେଇ ଦିଲ୍ଲୀ ହାଇକୋର୍ଟ୍‌ଙ୍କ ଘୋଷଣା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ ।

# କ୍ୟାବିନେଟ୍

ଦେଶରେ କପା ଉତ୍ପାଦନ ମିଶନ୍, କପାସ୍ କ୍ରାନ୍ତିକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶରେ କପା ଚାଷୀଙ୍କ ଉନ୍ନତି ତଥା ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିପାଇଁ ୫ ହଜାର ୬୫୯ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି । ଏହି ପଦକ୍ଷେପ ଦ୍ୱାରା ୩୨ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେବେ । ଶ୍ରୀ ବୈଷ୍ଣବ କହିଛନ୍ତି, ସରକାରଙ୍କ ଫାଇଭ୍-ଏଫ୍. ଦୃଷ୍ଟିକୋଣ ଆଧାରରେ ଏହି ମିଶନ୍ ପ୍ରସ୍ତୁତ କରାଯାଇଛି । ଫସଲ ଉତ୍ପାଦନ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବହୁଳ ଉପଯୋଗକୁ ଏହି ମିଶନ୍ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ରୋଗ ଏବଂ କୀଟପତଙ୍ଗ ପ୍ରତିରୋଧକ ଉଚ୍ଚ ଅମଳକ୍ଷମ ବିହନ ବିକଶିତ କରିବାରେ ସହାୟକ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**VO-**

# ଡବ୍ଲ୍ୟୁବି-ଓଥ

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପରେ ରାଜ୍ୟରେ ନୂତନ ସରକାର ଗଠନ ନେଇ ତତ୍ପରତା ପ୍ରକାଶ ପାଇଛି । ସ୍ପଷ୍ଟ ବହୁମତ ହାସଲ କରିଥିବା ବିଜେପି ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶପଥ ଗ୍ରହଣ ସମାରୋହ ପାଇଁ ଦଳ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତା ୯ ତାରିଖ ଶନିବାର ଦିନ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ବାର୍ଷିକୀ ଅବସରରେ ନୂତନ ସରକାର ଶପଥ ଗ୍ରହଣ କରିବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ତଥା ଅନ୍ୟ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଶପଥ ସମାରୋହରେ ଯୋଗଦେବେ ।

ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଛନ୍ତି । ନିର୍ବାଚନରେ ବଳପୂର୍ବକ ଭୋଟ୍ ଲୁଟ୍ ଏବଂ ସମ୍ପୂର୍ଣ୍ଣ ଭୋଟ୍ ପ୍ରକ୍ରିୟାରେ ଜାଲିଆତି କରାଯାଇଥିବା ଅଭିଯୋଗ ନେଇ ସିଏ ଏହି ନିଷ୍ପତ୍ତି ଗ୍ରହଣ କରିଥିବା ଘୋଷଣା କରିଛନ୍ତି । କୋଲକାତାଠାରେ ସାମ୍ବାଦିକଙ୍କ ସହ ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ତାଙ୍କ ଦଳ ହାରିନାହିଁ । ନିର୍ବାଚନ କମିଶନଙ୍କ ପକ୍ଷପାତିତା ଉପରେ ଅଭିଯୋଗ କରି ସେ କହିଛନ୍ତି, ଦେଶର ଗଣତାନ୍ତ୍ରିକ ଇତିହାସରେ ଏହା ଏକ କଳା ଅଧ୍ୟାୟ ସୃଷ୍ଟି କରିଛି ।

ମମତା ବାନାର୍ଜୀଙ୍କ ପ୍ରତିକ୍ରିୟାକୁ ବିଜେପି କଡ଼ା ସମାଲୋଚନା କରିଛି । ଆସନ୍ତା ଗୁରୁବାର ଦିନ ବର୍ତ୍ତମାନ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ । ତେଣୁ ମମତା ବାନାର୍ଜୀ ଇସ୍ତଫା ନ ଦେଲେ ମଧ୍ୟ ବିଧାନସଭା କାର୍ଯ୍ୟକାଳ ଶେଷ ହେତୁ ସିଏ ଆଉ ଗୃହର ସଦସ୍ୟ ତଥା ମୁଖ୍ୟମନ୍ତ୍ରୀ ପଦରେ ରହିପାରିବେ ନାହିଁ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଆକାଶବାଣୀ ସହ କଥାବାର୍ତ୍ତା ବେଳେ ଦଳର ନେତା ବିମଳ ଶଙ୍କର ନନ୍ଦୀ କହିଛନ୍ତି, ମମତାଙ୍କ ଦ୍ୱାରା ସୃଷ୍ଟ ଏଭଳି ଅଚଳାବସ୍ଥା ଗଣତନ୍ତ୍ର ପ୍ରତି ଉପହାସ । ଏଭଳି ଅବାଞ୍ଛିତ ପରିସ୍ଥିତିର ମୁକାବିଲା ପାଇଁ ସମ୍ବିଧାନରେ ଆବଶ୍ୟକ ବ୍ୟବସ୍ଥା ରହିଛି ବୋଲି ଶ୍ରୀ ନନ୍ଦି କହିଛନ୍ତି ।

## ବିଜେପି ଅବଜରଭର୍ସ

ପଶ୍ଚିମବଙ୍ଗ ଏବଂ ଆସାମରେ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ବିଜେପି ପକ୍ଷରୁ କେନ୍ଦ୍ରୀୟ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ପଶ୍ଚିମବଙ୍ଗରେ ଦଳର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଠାରେ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିବେ । ଆସାମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ହରିଆଣା ମୁଖ୍ୟମନ୍ତ୍ରୀ ନାୟବ

ସିଂହ ସାଇନି ସେଠାରେ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ମନୋନୀତ ହୋଇଛନ୍ତି । ବିଜେପି ସଂସଦୀୟ ବୋର୍ଡ଼ ବୈଠକରେ ଏହି ନେତାମାନଙ୍କର ନାମକୁ ଅନୁମୋଦନ କରାଯାଇଛି ।

## କେରଳମ୍-ଗଭ୍ ଫର୍ମେସନ୍

କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. ସରକାର ଗଠନ ପାଇଁ ଅନୌପଚାରିକ ଆଲୋଚନା ଜାରି ରହିଛି । ତେବେ ବିଧାୟକ ଦଳ ବୈଠକ ନେଇ ବିସ୍ତୃତ ବିବରଣୀ ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇନାହିଁ । କେରଳମ୍‌ର ୧୪୦ଟି ବିଧାନସଭା ଆସନ ମଧ୍ୟରୁ ୧୦୨ଟି ଆସନରେ କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. ବିଜୟ ହାସଲ କରିଛି । ବିଧାୟକ ଦଳ ବୈଠକ ପରେ ସରକାର ଗଠନ ନେଇ ଦଳ ପକ୍ଷରୁ ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ । ୟୁ.ଡି.ଏଫ୍. ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସ କେନ୍ଦ୍ରୀୟ ପ୍ରତିନିଧିଙ୍କ ଉପସ୍ଥିତିରେ ହିଁ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ।

## ଏଚ୍‌ସି-କେଜରିୱାଲ୍‌-ଲୟର୍‌

ମଦ ନୀତି ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ରାୟ ବିରୁଦ୍ଧରେ ସି.ବି.ଆଇ. ଦାଖଲ କରିଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ୍ ପ୍ରତିପକ୍ଷଙ୍କ ପାଇଁ ଆମିକସ୍ କ୍ୟୁରି ନିଯୁକ୍ତ କରିବା ପାଇଁ ଘୋଷଣା କରିଛନ୍ତି । ଆପ୍ ନେତା ଅରବିନ୍ଦ କେଜରିୱାଲ, ମନିଶ ସିସୋଦିଆ ଏବଂ ଦୁର୍ଗେଶ ପାଠକଙ୍କ ପାଇଁ ବରିଷ୍ଠ ଆଇନ୍‌ଜୀବୀଙ୍କୁ ଦିଲ୍ଲୀ ହାଇକୋର୍ଟ୍ ଏହି ଦାୟିତ୍ୱ ଅର୍ପଣ ନେଇ ପ୍ରସ୍ତାବ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା ଏହି ମାମଲାରୁ ଓହରିଯିବାକୁ ଅଗ୍ରାହ୍ୟ କରିବା ପରେ ଆପ୍ ନେତାମାନେ କୋର୍ଟ୍ ଶୁଣାଣିକୁ ବର୍ଜନ କରିଛନ୍ତି । ଏହି ମାମଲାର ଶୁଣାଣି ଜଷ୍ଟିସ୍ ଶର୍ମା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି ।

## ଟିଏନ୍‌-ପଲିଟିକାଲ୍ ଆକ୍ଟିଭିଟିଜ୍

ତାମିଲନାଡୁରେ ମଧ୍ୟ ନୂତନ ସରକାର ଗଠନ ନେଇ ରାଜନୈତିକ କାର୍ଯ୍ୟକଳାପ ଜୋର୍ ଧରିଛି । ଅଭିନେତାରୁ ରାଜନେତା ପାଲଟିଥିବା ସି. ଜୋସେଫ୍ ବିଜୟଙ୍କ ତାମିଲଗା ଭେଟ୍ରି କାଜାଗମ୍ – ଟି.ଭି.କେ. ୨୩୪ଟି ବିଧାନସଭା ଆସନ ମଧ୍ୟରୁ ୧୦୮ଟିରେ ବିଜୟ ଲାଭ କରି ବୃହତ ଦଳ ହୋଇଛି । ଚେନ୍ନାଇ ନିକଟବର୍ତ୍ତୀ ପାନାଇୟୁର୍ ଠାରେ ଦଳୀୟ

ମୁଖ୍ୟାଳୟରେ ବିଧାୟକ ଦଳ ବୈଠକ ବସି ସି. ବିଜୟଙ୍କୁ ଆନୁଷ୍ଠାନିକ ଭାବେ ନେତା ନିର୍ବାଚନ କରାଯାଇଛି ।

ଦଳ ପକ୍ଷରୁ ଖୁବ୍ ଶୀଘ୍ର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ନିକଟରେ ସରକାର ଗଠନ ନେଇ ଦାବି ଉପସ୍ଥାପନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ବିଧାୟକ ଦଳ ବୈଠକରେ ଗୃହକୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ନିର୍ବାଚନରେ ଶାସକ ଡି.ଏମ୍.କେ. ଦଳ ୫୯ଟି ଆସନ ପାଇଛି । ଏ.ଆଇ.ଏ.ଡି.ଏମ୍.କେ. ୪୭ଟି ଆସନ ହାସଲ କରିଛି ।

ବିଦାୟୀ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ରାଜ୍ୟପାଳଙ୍କ ନିକଟରେ ଇସ୍ତଫାପତ୍ର ଦାଖଲ କରିସାରିଛନ୍ତି । ରାଜ୍ୟପାଳ ଏହାକୁ ଗ୍ରହଣ କରିବା ସହ ନୂତନ ସରକାର ଗଠନ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିବାକୁ ଶ୍ରୀ ଷ୍ଟାଲିନ୍‌ଙ୍କୁ ଅନୁରୋଧ କରିଛନ୍ତି । ଏ.ଆଇ.ଏ.ଡି.ଏମ୍.କେ. ସାଧାରଣ ସମ୍ପାଦକ ଇ. ପାଲାନି ସ୍ୱାମୀ ଜନାଦେଶକୁ ଗ୍ରହଣ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ବିପୁଳ ପରିମାଣରେ ଅଂଶଗ୍ରହଣ କରିଥିବାରୁ ମତଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଜେପି ନେତା କେ. ଆନ୍ନାମଲାଇ ଫଳାଫଳକୁ ସ୍ୱାଗତ କରିଛନ୍ତି ।

## ପୁରି-ଏଲ୍‌ଡିପି-ଡେଲିଗେସନ୍

ଜାପାନ ଲିବେରାଲ୍ ଡେମୋକ୍ରାଟିକ୍ ପାର୍ଟି ଅଧ୍ୟକ୍ଷ ତଥା ପ୍ରତିନିଧି ସଭା ସଦସ୍ୟ ତାକାଇକି କୋବାୟାସୀଙ୍କ ସହ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରି ଆଜି ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ପୁରି କହିଛନ୍ତି, ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଲୋଚନା ହୋଇଛି । ସୁରକ୍ଷିତ ତଥା ନିରନ୍ତର ଶକ୍ତି ଭବିଷ୍ୟତ ଗଠନରେ ସହଯୋଗ ବୃଦ୍ଧି ଏବଂ ଜାହାଜ ନିର୍ମାଣ କ୍ଷେତ୍ରରେ ସହଭାଗିତା ପାଇଁ ନୂତନ ମାର୍ଗ ଉନ୍ମୁକ୍ତ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଶ୍ରୀ ପୁରି ସୂଚନା ଦେଇଛନ୍ତି । ଶ୍ରୀ ପୁରି କହିଛନ୍ତି, ଶକ୍ତି ଆତ୍ମନିର୍ଭରତା ଦିଗରେ ଭାରତ ଆଗକୁ ବଢ଼ିବା ଏବଂ ଜାପାନ ସହ ପାରସ୍ପରିକ ଲାଭଦାୟକ ସହଭାଗିତା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି ।

## ଡିଫେନ୍ସ ମିନିଷ୍ଟ୍ରି-ବିସିଆଇ କନ୍‌ଫରେନ୍ସ

ଦିଲ୍ଲୀର ମାନେକ୍‌ସା କେନ୍ଦ୍ର ଠାରେ ବ୍ରେନ୍ କମ୍ପ୍ୟୁଟର ଇଣ୍ଟରଫେସ୍ – ବି.ସି.ଆଇ. : ନ୍ୟୁରାଲ୍ ଫ୍ରଣ୍ଟିୟର୍ସ୍ ବ୍ୟାପକତା ଏବଂ ଏହାର ରଣନୈତିକ ପ୍ରଭାବ ଆଧାରିତ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ ଆଜି ଏହାର ଉଦ୍‌ଘାଟନ କରିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ସମନ୍ୱିତ ପ୍ରତିରକ୍ଷା କର୍ମଚାରୀଙ୍କ ଦ୍ୱାରା ମିଳିତ ଯୁଦ୍ଧ ଅଧ୍ୟୟନ କେନ୍ଦ୍ର ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଭବିଷ୍ୟତରେ ଯୁଦ୍ଧ ଆହ୍ୱାନରେ ବି.ସି.ଆଇ.ର ଭୂମିକା ତଥା ସ୍ୱଦେଶୀ ନବସୃଜନ ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସମ୍ମିଳନୀରେ ନୈତିକ ବିଚାର, ନ୍ୟୁରୋ ସୁରକ୍ଷା ଆହ୍ୱାନ ଏବଂ ଜଟିଳ ପରିସ୍ଥିତିରେ କାର୍ଯ୍ୟଦକ୍ଷତା ତଥା ନିଷ୍ପତ୍ତି ଗ୍ରହଣ କରିବାରେ ବି.ସି.ଆଇ.ର ଭୂମିକା ଉପରେ ମତ ବିନିମୟ ହୋଇଥିବା ନେଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଗଡ଼କରୀ-ରିଭ୍ୟୁ ମିଟିଂ

ତାମିଲନାଡୁ, ପୁଡୁଚେରୀ ଏବଂ ଗୁଜରାଟରେ ରାଜପଥ ରକ୍ଷଣାବେକ୍ଷଣ ଆଧାରିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଛି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏଥିରେ ଅଧ୍ୟକ୍ଷତା କରି ଜାତୀୟ ରାଜପଥ କରିଡ଼ରରେ ରାସ୍ତାର ସ୍ଥାୟୀତ୍ୱ, ସୁରକ୍ଷା ମାନଦଣ୍ଡ ଏବଂ ସାମଗ୍ରୀକ ଯାତ୍ରୀ ଅଭିଜ୍ଞତା ବୃଦ୍ଧି ଉପରେ ମତବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ଭିତ୍ତିଭୂମି

ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି । ଦୀର୍ଘକାଳୀନ ସ୍ଥାୟୀତ୍ୱ, ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଏବଂ ଯାଞ୍ଚ ବ୍ୟବସ୍ଥା ଉପରେ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

## ଆଇସିସି-ଟି-୨୦ ର୍ୟାଙ୍କିଙ୍ଗ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ର୍ୟାଙ୍କ୍ ତାଲିକାରେ ଭାରତ ଶୀର୍ଷ ସ୍ଥାନ ବଜାୟ ରଖିଛି । କ୍ରମାଗତ ଦ୍ୱିତୀୟଥର ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟାଇଟଲ ହାସଲ କରି ଭାରତ ଇତିହାସ ସୃଷ୍ଟି କରିବା ସହିତ ଏହି ସଫଳତା ପାଇଛି । ଏଥିସହିତ ବିଶ୍ୱ କ୍ରିକେଟ୍‌ରେ ଭାରତ ନିଜର ପ୍ରାଧାନ୍ୟ ବଜାୟ ରଖିଛି । ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତ ତୃତୀୟଥର ପାଇଁ ଏହି ଟାଇଟଲ ହାସଲ

କରିଛି । ମୋଟ୍ ୨୭୫ ପଏଣ୍ଟ ହାସଲ କରି ଭାରତ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନରେ  ଥିବା ବେଳେ ୨୬୨ ପଏଣ୍ଟ ସହ ଇଂଲଣ୍ଡ ଦ୍ୱିତୀୟ ଏବଂ ୨୫୮ ପଏଣ୍ଟ ସହ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ରହିଛି ।